# NATIONAL NEWS BULLETIN (ODIA)

**29 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରାଚ୍ୟ ସଂଘର୍ଷ ଏବଂ ଶକ୍ତି ଚିନ୍ତା ମଧ୍ୟରେ ଦେଶବାସୀଙ୍କୁ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଏକଜୁଟ୍ ହେବା ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ମଧ୍ୟପ୍ରାଚ୍ୟରେ ୩ ହଜାର ୫୦୦ ନୌସୈନିକଙ୍କୁ ନେଇ ପହଁଞ୍ଚିଲା ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍ ତ୍ରିପୋଲି

- କେରଳ ଓ ମିଜୋରାମ୍‌ରେ ଭକ୍ତିର ସହ ପାଳନ କରାଯାଉଛି 'ପାମ୍ ସଣ୍ଡେ'

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ସନ୍ଧ୍ୟାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ଖେଳାଯିବ ମ୍ୟାଚ୍

# ପିଏମ୍- ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମ ଏସିଆର ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲକୁ ନେଇ ସାରା ବିଶ୍ୱରେ ଏକ ସଙ୍କଟ ସୃଷ୍ଟି ହେଉଛି । ଆକାଶବାଣୀରେ ତାଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ମଧ୍ୟପ୍ରାଚ୍ୟ ଅଞ୍ଚଳ ଭାରତର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ । ଉପସାଗରୀୟ ଦେଶଗୁଡ଼ିକରେ ଲକ୍ଷ ଭାରତୀୟ ବସବାସ କରୁଥିବା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏକ କୋଟିରୁ ଅଧିକ ଭାରତୀୟଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଥିବାରୁ ସେହି ଦେଶଗୁଡ଼ିକ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ ।

**–V/O–PM–Gratitude**

ଏହି ଆହ୍ୱାନର ମୁକାବିଲା କରିବା ଲାଗି ସମସ୍ତ ନାଗରିକଙ୍କୁ ଏକଜୁଟ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ ।

**–V/O– PM-Trust**

ଆଜିର 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ମୋଦୀ 'ଜ୍ଞାନ ଭାରତମ୍' ଆପ୍ ଜରିଆରେ ସର୍ବେକ୍ଷଣ ଉପରେ ଆଲୋକପାତ କରିଥିଲେ, ଯାହା ଭାରତର ମହାନ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶିତ କରିବା ଲାଗି ଜନସାଧାରଣଙ୍କ ଅଂଶଗ୍ରହଣ ଭାବନାକୁ ପ୍ରତିଫଳିତ କରୁଛି ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ରାଷ୍ଟ୍ର ନିର୍ମାଣର ଦାୟିତ୍ୱ ନିର୍ବାହ କରିବାରେ 'ମାଇ ଭାରତ' ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ଦେଶର ଯୁବକମାନଙ୍କୁ ବିଭିନ୍ନ ସକାରାତ୍ମକ କାର୍ଯ୍ୟକଳାପ ସହିତ ଯୋଡ଼ିବା ପାଇଁ ସେ ଏହି ସଙ୍ଗଠନକୁ ପ୍ରଶଂସା କରିଥିଲେ।

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଓମ ପ୍ରକାଶ ରଥ ଏବଂ ପଞ୍ଜାବ ମୋହାଲିର ଆଞ୍ଚଲ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ନେବାର ଉପାୟଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀଙ୍କ ସହ ଭାବବିନିମୟ କରିଥିଲେ।

ନିକଟରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ଦଳର ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନିଜକୁ ଗୌରବାନ୍ୱିତ ମନେ କରିଥିଲେ। କର୍ଣ୍ଣାଟକର ହୁବଲିଠାରେ ଜାମ୍ମୁ-କାଶ୍ମୀର କ୍ରିକେଟ ଦଳ ରଣଜୀ ଟ୍ରଫି ଜିତିଥିବାରୁ  ସେ ମଧ୍ୟ ଖୁସିବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ଦେଶର ଖେଳାଳିମାନେ ହାସଲ କରିଥିବା କୃତିତ୍ୱ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ଫିଟନେସ୍ ବିଷୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୋତାମାନଙ୍କୁ ସେମାନଙ୍କ ଫିଟନେସ୍ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ।

'ମନ୍ କି ବାତ୍ 'ର ଆଜିର ଅଧ୍ୟାୟରେ, ଇନଷ୍ଟାଗ୍ରାମ କଣ୍ଟେଣ୍ଟ କ୍ରିଏଟର୍ ଯୁବରାଜ ଦୁଆଙ୍କ ଏକ ପୋଷ୍ଟ ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଚିନି ସେବନ ହ୍ରାସ କରିବାକୁ ଅନୁରୋଧ କରିଥିଲେ।

ରନ୍ଧନ ତୈଳ ଉପଯୋଗିତାକୁ ୧୦ ପ୍ରତିଶତ ହ୍ରାସ କରିବାର ଆବଶ୍ୟକତା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି, ଏହି ଛୋଟ ପ୍ରୟାସ ମୋଟାପଣ ଏବଂ ଜୀବନଶୈଳୀ ଜନିତ ରୋଗକୁ ଦୂରେଇ ରଖିବ ।

ଶିକ୍ଷା ମାଧ୍ୟମରେ ଅତୀତକୁ ସଂରକ୍ଷିତ ରଖିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଲାଗି ନାଗା ସମ୍ପ୍ରଦାୟର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ଅନେକ ଭାଗରେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଜଳ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତାକୁ ନବୀକରଣ କରିବାର ସମୟ ଆସିଛି । ସେ କହିଥିଲେ, ଗତ ୧୧ ବର୍ଷ ମଧ୍ୟରେ ‘ଜଳ ସଞ୍ଚୟ ଅଭିଯାନ’ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିଛି । ଏହି ଅଭିଯାନ ଅଧୀନରେ ସାରା ଦେଶରେ ପ୍ରାୟ ୫୦ ଲକ୍ଷ କୃତ୍ରିମ ଜଳ ଅମଳ ଢାଞ୍ଚା ସୃଷ୍ଟି କରାଯାଇଛି ।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ତାଙ୍କ ସରକାର ମତ୍ସ୍ୟଜୀବୀମାନଙ୍କ ଜୀବନକୁ ସହଜ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସେ କହିଥିଲେ ମତ୍ସ୍ୟଜୀବୀମାନେ କେବଳ ସମୁଦ୍ରର ଯୋଦ୍ଧା ନୁହନ୍ତି, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ସୁଦୃଢ଼ ଭିତ୍ତିଭୂମି ।

ପ୍ରଧାନମନ୍ତ୍ରୀ ଓଡ଼ିଶାର ସମ୍ବଲପୁରର ସୁଜାତା ଭୁୟାଁଙ୍କ ଉଦାହରଣ ଦେଇ କହିଥିଲେ ହୀରାକୁଦ ଜଳଭଣ୍ଡାରରେ ସେ  ମାଛ ଚାଷ ଆରମ୍ଭ କରିଥିଲେ । ମାତ୍ର ଦୁଇ–ତିନି ବର୍ଷ ମଧ୍ୟରେ ତାଙ୍କ ପ୍ରୟାସକୁ ଏକ ସମୃଦ୍ଧ

ବ୍ୟବସାୟରେ ପରିଣତ କରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଥିଲେ।

'ଏକ୍ ପେଡ଼ ମା' କେ ନାମ" ଅଭିଯାନ ଅଧୀନରେ ସମଗ୍ର ଦେଶରେ ଲକ୍ଷ ଲକ୍ଷ ବୃକ୍ଷ ରୋପଣ କରାଯାଇଛି। ଶ୍ରୀ ମୋଦୀ ଏହାକୁ ପ୍ରେରଣାଦାୟକ ବୋଲି ଉଲ୍ଲେଖ କରିଥିଲେ।

'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି' ଯୋଜନାର ପ୍ରଭାବ ଦେଶର ପ୍ରତ୍ୟେକ କୋଣରେ ଦେଖିବାକୁ ମିଳୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶେଷ କରି ଏହା ଉତ୍ତର-ପୂର୍ବର ଅନେକ ଅଞ୍ଚଳକୁ ଲାଭାନ୍ୱିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କ ଆଖପାଖର ପ୍ରେରଣାଦାୟୀ କାହାଣୀ ବାଣ୍ଟିବା ପାଇଁ ଅନୁରୋଧ କରିଥିଲେ।

## ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ କେରଳର ପାଲକ୍କଡରେ ଏକ ରାଲିକୁ ସମ୍ବୋଧିତ କରିବେ। ରାଜ୍ୟରେ ଏପ୍ରିଲ ୯ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏନ.ଡି.ଏ. ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅଭିଯାନରେ ଯୋଗଦେବା ଅବସରରେ ଶ୍ରୀ ମୋଦୀ ତ୍ରିଶୁରରେ ଏକ ରୋଡ ସୋ' ମଧ୍ୟ କରିବେ।

## ୟୁଏସ୍– ସେଣ୍ଟକମ୍

ୟୁନାଇଟେଡ୍ ଷ୍ଟେଟ୍ସ ସେଣ୍ଟ୍ରାଲ୍ କମାଣ୍ଡ– ସେଣ୍ଟକମ୍ ଘୋଷଣା କରିଛି, ୟୁ.ଏସ୍. ତ୍ରିପୋଲି ଯୁଦ୍ଧ ଜାହାଜରେ ଥିବା ୩,୫୦୦ ନୌସୈନିକ ଏବଂ

ନାବିକଙ୍କ ଏକ ଟାସ୍କ ଫୋର୍ସ ମଧ୍ୟପ୍ରାଚ୍ୟରେ ପହଞ୍ଚିଛି। ଆମେରିକାର ଏହି ଯୁଦ୍ଧ ଜାହାଜ ଉଭୟ ଜଳ ଏବଂ ସ୍ଥଳ ଭାଗକୁ ଆକ୍ରମଣ କରିବାର କ୍ଷମତା ରଖିଛି। ଗତ ଗୁରୁବାର ଦିନ ଅନେକ ଗଣମାଧ୍ୟମ ରିପୋର୍ଟ କରିଥିଲେ ପେଣ୍ଟାଗନ୍ ମଧ୍ୟପ୍ରାଚ୍ୟକୁ ୧୦,୦୦୦ ଅତିରିକ୍ତ ସ୍ଥଳସେନା ମୁତୟନ କରିବାକୁ ବିଚାର କରୁଛି, ଯାହା ଡୋନାଲ୍ଡ ଟ୍ରମ୍ପଙ୍କୁ କୂଟନୀତି ବାହାରେ ଅଧିକ ସାମରିକ ବିକଳ୍ପ ପ୍ରଦାନ କରୁଛି। ତେବେ ଏହାର ସଠିକ ନିୟୋଜନ ସ୍ଥାନ ଅସ୍ପଷ୍ଟ ଥିବାବେଳେ 'ଖର୍ଗ ଦ୍ୱୀପରେ ଏହାର ଗୁରୁତ୍ୱପୂର୍ଣ୍ଣ ତୈଳ ରପ୍ତାନି କେନ୍ଦ୍ର ସମେତ ଇରାନକୁ ଆକ୍ରମଣ କରିବା ପାଇଁ ନିର୍ଦ୍ଧାରିତ ଦୂରତ୍ୱ ମଧ୍ୟରେ ସୈନ୍ୟବାହିନୀ ଅବସ୍ଥାପିତ ହେବାର ଆଶା କରାଯାଉଛି।

## ଇସ୍ରାଏଲ-ଇରାନ୍ ଷ୍ଟ୍ରାଇକ୍

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ, ଆଇ.ଡି.ଏଫ୍. କହିଛି ଏହା କେନ୍ଦ୍ରୀୟ ତେହେରାନରେ ଇରାନୀୟ ସାମରିକ ଭିତ୍ତିଭୂମି ଉପରେ ବ୍ୟାପକ ଆକ୍ରମଣ କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଆଇଡିଏଫ କହିଛି, ଆକ୍ରମଣ ସମୟରେ ଅସ୍ଥାୟୀ କମାଣ୍ଡ ସେଣ୍ଟରଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ସେଠାରେ ଇରାନ୍‌ର କମାଣ୍ଡରମାନେ କାର୍ଯ୍ୟ କରୁଥିଲେ। ବିଧ୍ୱଂସୀ କ୍ଷେପଣାସ୍ତ୍ର ସୁବିଧା, ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ପର୍ଯ୍ୟବେକ୍ଷଣ ପୋଷ୍ଟ ଗୁଡ଼ିକ ଟାର୍ଗେଟ ମଧ୍ୟରେ ଥିଲା ବୋଲି ଆଇଡିଏଫ୍ କହିଛି।

ପୂର୍ବରୁ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ, ଆଇ.ଆର୍.ଜି.ସି. ଚେତାବନୀ ଦେଇ କହିଥିଲା, ଇରାନର ଏକାଡେମିକ୍ ଏବଂ ଐତିହ୍ୟ ସ୍ଥଳ ଉପରେ ନିକଟରେ ହୋଇଥିବା ଆକ୍ରମଣର ଜବାବରେ ପଶ୍ଚିମ ଏସୀୟ

ଅଞ୍ଚଳରେ ଥିବା ଆମେରିକୀୟ ଏବଂ ଇସ୍ରାଏଲ୍ ଅନୁଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇପାରେ।

## କେରଳ-ମିଜୋରା ପାମ୍ ସଣ୍ଡେ

କେରଳ ଏବଂ ମିଜୋରାମ୍‌ରେ ଭକ୍ତିର ସହ 'ପାମ୍ ସଣ୍ଡେ' ପାଳନ କରାଯାଉଛି। ଏହି ଅବସରରେ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ତାଳପତ୍ର ବହନ କରିଥିଲେ, ଯାହା ଯୀଶୁ ଖ୍ରୀଷ୍ଟଙ୍କ ଜେରୁଜେଲମ୍ ପ୍ରବେଶର ପ୍ରତୀକ ଥିଲା। 'ପାମ୍ ସଣ୍ଡେ' ଇଷ୍ଟର୍ ପର୍ବ ପାଳନର ଆରମ୍ଭକୁ ଚିହ୍ନିତ କରେ।

## ଆଇପିଏଲ୍-କ୍ରିକେଟ

ଇଣ୍ଡିଆନ୍ ପ୍ରିମିୟର ଲିଗ୍ - ଆଇ.ପି.ଏଲ୍. କ୍ରିକେଟ୍‌ର ଊନବିଂଶ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍ ଆଜି ମୁମ୍ବାଇର ଓ୍ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ।

ଗତକାଲି ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ ଆର୍.ସି.ବି. ୬ ଓ୍ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା। ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆର୍‌ସିବି ମାତ୍ର ୧୫ ଓଭର ୪ଟି ବଲ୍‌ରେ ନିର୍ଦ୍ଧାରିତ ବିଜୟ ଲକ୍ଷ୍ୟ ହାସଲ କରିଥିଲା।